# ଭୀମକୁଣ୍ଡ ଉନ୍ନୟନ କମିଟି, କେନ୍ଦୁଝରଙ୍କ କାର୍ଯ୍ୟାଳୟ

**ବିଜ୍ଞାପନ ସଂଖ୍ୟା-** ୧୨୦୮୦ **ତାରିଖ:** ୨୪/୧୧/୨୪

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ଭୀମକୁଣ୍ଡ ଠାରେ ନିର୍ମାଣହୋଇଥିବା ୱାଚ ଟାୱାର (ଦର୍ଶନୀୟ ଘର), ଯାନବାହାନ ଷ୍ଟାଣ୍ଡ, ଶୌଚାଳୟ ଏବଂ ଭୋଜି ନିମନ୍ତେ ଉଦ୍ଦିଷ୍ଟ ପିଣ୍ଡି ଗୁଡ଼ିକୁ ନିମ୍ନଲିଖିତ ସର୍ତ୍ତାବଳି ମୁତାବକ ଆଗାମୀ ତିନିବର୍ଷ ତା ୦୧.୦୧.୨୦୨୫ ଠାରୁ ୩୧.୧୨.୨୦୨୭ରିଖ ପର୍ଯ୍ୟନ୍ତ ଚୁକ୍ତି/ ଠିକା ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି ।ୱାଚ ଟାୱାର, ଭୋଜି ପିଣ୍ଡି, ଶୌଚାଳୟ ଏବଂ ଯାନବାହାନ ଷ୍ଟାଣ୍ଡ ପାଇଁ ଏକ କାଳୀନ ନିଲାମି କରାଯିବ । ୱାଚ ଟାୱାର, ପିଣ୍ଡି ନିଲାମି, ଶୌଚାଳୟ ଏବଂ ଯାନବାହାନ ଷ୍ଟାଣ୍ଡ ନିଲାମି ର ସର୍ବନିମ୍ନ ମୂଲ୍ୟ ୫,୦୦,୦୦୦(ପାଞ୍ଚଲକ୍ଷ ଟଙ୍କା ମାତ୍ର) ଧାର୍ଯ୍ୟ କରାଯାଇଅଛି । ଏଣୁ ଯେଉଁ ବ୍ୟକ୍ତି ଏଥିନିମନ୍ତେ ଆବେଦନ କରିବାକୁ ଇଚ୍ଛୁକ ଅଟନ୍ତି ସେ ନିର୍ଦ୍ଧାରିତ ଫର୍ମ ରେ ନିଜର ଦରଖାସ୍ତ ପାଟଣା ବ୍ଲକ ଅଫିସ ରେ ଥିବା ଡ୍ରପ ବକ୍ସ (ବାକ୍ସ) ରେ ତା ୨୭-୧୧-୨୦୨୪ ରୁ ୦୭-୧୨-୨୦୨୪ରିଖ ଅପରାହ୍ନ ୩:୦୦ ଘଟିକା ମଧ୍ୟରେ ପକାଇ ପାରିବେ ।ଆବେଦନ ଫର୍ମ ରେ ସମସ୍ତେ ନିଜର ଚୁକ୍ତି ମୂଲ୍ୟ ଦର୍ଶାଇଥିବେ ଏବଂ ସେହି ଅନୁସାରେ ସମସ୍ତ ଆବେଦନ ଫର୍ମ ତା୦୯-୧୨-୨୦୨୪ ରିଖ ଅପରାହ୍ନ ୩.୦୦ ଘଟିକା ରେ ସର୍ବସାଧାରଣ ଙ୍କ ଉପସ୍ଥିତି ରେ ବ୍ଲକ ସଭାଗୃହଠାରେ ଖୋଲାଯିବ । ସର୍ବାଧିକ ମୂଲ୍ୟ ଦର୍ଶାଇଥିବା ଆବେଦନକାରୀଙ୍କୁ ନିମ୍ନ ସର୍ତ୍ତାବଳୀ ଅନୁସାରେ Tender ଚୁକ୍ତି/ଠିକା) ପ୍ରଦାନ କରାଯିବ ।

<u>ଆବେଦନ ର ନିୟମ ଏବଂ ସର୍ତ୍ତାବଳୀ</u>

୧. ଆବେଦନକାରୀ ଜଉ ମୁଦ/sealed ଲଫାପା ରେ ଆବେଦନ ଫର୍ମ ମାଧ୍ୟମରେ ଆବେଦନ କରିବେ ।

୨. ଆବେଦନକାରୀ ଡୁମୁରିଆ ଗ୍ରାମପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୩. ଜଣେ ଆବେଦନ କାରୀ ୱାଚଟାୱାର, ପିଣ୍ଡି, ଶୌଚାଳୟ ଏବଂ ଯାନବାହାନ ଷ୍ଟାଣ୍ଡ ନିମନ୍ତେ ଆବେଦନ କରିବେ ।
ୱାଚ ଟାୱାର, ଭୋଜି ପିଣ୍ଡି, ଶୌଚାଳୟ ଏବଂ ଯାନବାହାନ ଷ୍ଟାଣ୍ଡ ପାଇଁ ସରକାରୀ ଧାର୍ଯ୍ୟ ମୂଲ୍ୟ -୫,୦୦,୦୦୦.୦୦(ପାଞ୍ଚଲକ୍ଷ ଟଙ୍କା ମାତ୍ର) ଅଛି ।

୪. ଧାର୍ଯ୍ୟ ସର୍ବନିମ୍ନ ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଥିବା ଆବେଦନ ଗ୍ରହଣ କରାଯିବ ନାହିଁ ।

୫. ସର୍ବ ସାଧାରଣଙ୍କ ପାଇଁ ଟିକଟ ର ମୂଲ୍ୟ ସର୍ବାଧିକ ମୂଲ୍ୟ ଠାରୁ ଅଧିକ ହୋଇପାରିବ ନାହିଁ ।

<u>ସର୍ବାଧିକ ଧାର୍ଯ୍ୟ ମୂଲ୍ୟ</u>

ପ୍ରବେଶ ମୂଲ୍ୟ- ୧୦.୦୦ ଟଙ୍କା/ବ୍ୟକ୍ତି( ୬ ବର୍ଷରୁ ଅଧିକ), ଭୋଜି ପିଣ୍ଡି- ୧୫୦.୦୦ ଟଙ୍କା/ବ୍ୟକ୍ତି

<u>ଯାନବାହାନ</u>

ସାଇକେଲ- ୧୦.୦୦ଟଙ୍କା, ମୋଟରସାଇକେଲ- 20.00ଟଙ୍କା, ଅଟୋ-୩୦.୦୦ଟଙ୍କା, କାର/ବ୍ୟକ୍ତିଗତ ଚାରିଚକିଆ-୫୦.୦୦ ଟଙ୍କା, ବସ-୧୦୦.୦୦ ଟଙ୍କା, ଅସ୍ଥାୟୀ ଛୋଟ ଉଠାଦୋକାନ- ୨୦.୦୦ଟଙ୍କା ଅସ୍ଥାୟୀ ବଡ ଉଠାଦୋକାନ -୩୦.୦୦ ଟଙ୍କା(ଯାତ୍ରା ସମୟରେ)

୬. ନିଲାମ ଧାରୀ ସେଠାରେଥିବା ଶୌଚାଳୟ ର ମଧ ଦାୟିତ୍ୱ ନେବେ ଏବଂ ପ୍ରତି ବ୍ୟକ୍ତି ୫.୦୦ ଟଙ୍କା ମାତ୍ର ଅଦାୟ କରି ଶୌଚାଳୟର ସଫା ସୁତରା ତଥା ରକ୍ଷଣାବେକ୍ଷଣ କରିବେ ।

୭.ନିଲାମଧାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମଧ୍ୟରେ କାର୍ଯ୍ୟାଦେଶ ଦେବା ପୂର୍ବରୁ ନିଲାମ ସମ୍ପର୍କିତ ଚୁକ୍ତି ସ୍ୱାକ୍ଷରିତ ହେବ ।

୮. ପ୍ରବେଶ ସମୟ ସକାଳ ୦୬.୦୦ ଘଟିକା ଠାରୁ ସନ୍ଧ୍ୟା ୦୬.୦୦ ଘଟିକା ହେବା ବାଞ୍ଛନୀୟ । ସନ୍ଧ୍ୟା ୦୭.୦୦ ଘଟିକା ପରେ ସ୍ଥାନଟି ବନ୍ଦ ରହିବ ।

୯. ପିଣ୍ଡି ଏବଂ ପରିବେଶ କୁ ସଫାସୁତୁରା ରଖିବା କାର୍ଯ୍ୟ ନୀଲାମଧାରୀ ନିଜେ ବହନ କରିବେ ।

୧୦ . ସମସ୍ତ ଦେୟ ଆଗୁଆ ପଇଠ ହେବ ଏବଂ ନିଲାମି ନେଲା ପରେ ଏହାର ପରିଚାଳନା ନିମନ୍ତେ କୌଣସି ସମସ୍ୟା ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୧. ବିଶିଷ୍ଟ ବ୍ୟକ୍ତି ଯଥା MLA/MP/MINISTER/ ଜିଲ୍ଲାସ୍ତରୀୟ ଅଧିକାରୀ/ ଭୀମକୁଣ୍ଡ ଉନ୍ନୟନ କମିଟି ସଦସ୍ୟ/ସଦସ୍ୟା ମାନଙ୍କୁ ଯଥା ସମ୍ମାନ ଦେଇ ତାଙ୍କ ଶୁଳ୍କ ଛାଡ କରିବେ ।

୧୨. ଖାଟଟାଣ୍ଡାର ଏବଂ ପିଣ୍ଡି ମାନଙ୍କର କୌଣସି ସ୍ୱଳ୍ପ ମରାମତି କାର୍ଯ୍ୟ ନିଲାମଧାରୀ ନିଜ ଖର୍ଚ୍ଚ ରେ କରିବେ ।ଭଙ୍ଗାରୁଜା କିମ୍ବା ନୂତନ ନିର୍ମାଣ ପାଇଁ ନିଲାମଧାରୀ ଭୀମକୁଣ୍ଡ ଉନ୍ନୟନ କମିଟିର ଅନୁମତି ନେବା ଆବଶ୍ୟକ।

୧୩. କୌଣସି ଆଇନ ଉଲ୍ଲଂଘନ ହେଲେ ଏହା ଉପଜିଲ୍ଲାପାଳ, କେନ୍ଦୁଝର ଙ୍କ କାର୍ଯ୍ୟାଳୟରେ ଶୁଣାଣି ହେବ ।

୧୪: କୌଣସି କାରଣ ନ ଦର୍ଶାଇ ଏହି ନିୟମ ଏବଂ ସର୍ତ୍ତାବଳି ପରିବର୍ତ୍ତନ ତଥା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର କାରୀ ଏବଂ ଉପଜିଲ୍ଲାପାଳ, କେନ୍ଦୁଝରଙ୍କ ରହିଅଛି ।

(ସ୍ୱାକ୍ଷର) ୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଟଣା

ଜ୍ଞାପକ ସଂଖ୍ୟା: ୧୨୦୮୧ ତାରିଖ: ୨୪/୧୧/୨୪

ଏହାର ଏକାକିତା ନକଲ ସରପଞ୍ଚ/ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଡୁମୁରିଆ ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେ ସମସ୍ତ ଡୁମୁରିଆ ଗ୍ରା.ପ ର ଅନ୍ତର୍ଗତ ରାଜସ୍ୱ ଗ୍ରାମର ସୁସ୍ପଷ୍ଟ ସ୍ଥାନରେ ଏହି ବିଜ୍ଞାପନଟି ପ୍ରକାଶନ କାରିବାକୁ ଅନୁରୋଧ କରାଗଲା ।

(ସ୍ୱାକ୍ଷର) ୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଟଣା

ଜ୍ଞାପକ ସଂଖ୍ୟା: ୧୨୦୮୨ ତାରିଖ: ୨୪/୧୧/୨୪

ଏହାର ଏକାକିତା DeGM, କେନ୍ଦୁଝର ଙ୍କ ସଦୟ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେ ଏହାକୁ କେନ୍ଦୁଝର ସରକାରୀ ୱେବସାଇଟ ରେ ପ୍ରକାଶନ କରିବାକୁ ଅନୁରୋଧ କରାଗଲା ।

(ସ୍ୱାକ୍ଷର) ୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଟଣା

ଜ୍ଞାପକ ସଂଖ୍ୟା: ୧୨୦୮୩ ତାରିଖ: ୨୪/୧୧/୨୪

ଏହାର ଏକାକିତା ନକଲ ଜିଲ୍ଲା ପର୍ଯ୍ୟଟକ ଅଧିକାରୀ, କେନ୍ଦୁଝର ଏବଂ ଉପ ଜିଲ୍ଲାପାଳ ତଥା ଅଧକ୍ଷ ଭୀମକୁଣ୍ଡ ଉନ୍ନୟନ ସମିତି , କେନ୍ଦୁଝର ଙ୍କ ସଦୟ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର) ୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଟଣା

## ଭୀମକୁଣ୍ଡ ଠାରେ ନିର୍ମାଣହୋଇଥିବା ୱାଚ ଟାୱାର (ଦର୍ଶନୀୟ ଘର), ଯାନବାହାନ ଷ୍ଟାଣ୍ଡ, ଶୌଚାଳୟଏବଂ ଭୋଜି ନିମନ୍ତେ ଉଦ୍ଦିଷ୍ଟ ପିଣ୍ଡି ଗୁଡିକ ନିଲାମ ପାଇଁ ଆବେଦନ ଫର୍ଦ୍ଦ

| | |
|---|---|
| ୧. ନାମ- | |
| ୨. ବାପାଙ୍କ ନାମ- | |
| ୩. ଗ୍ରାମର ନାମ- | |
| ୪. ଗ୍ରାମ ପଞ୍ଚାୟତର ନାମ- | |
| ୫. ଆଧାର ସଂଖ୍ୟା- | |
| ୬. PAN ସଂଖ୍ୟା- | |
| ୭. GST ସଂଖ୍ୟା- | |
| ୮. Tender ମୂଲ୍ୟ- | |

ସ୍ୱାକ୍ଷର

## ଘୋଷଣାନାମା

ଏତଦ ଦ୍ୱାରା ମୁଁ ଘୋଷଣା କରୁଅଛି ଯେ, ଉପରୋକ୍ତ ସମସ୍ତ ତଥ୍ୟ ମୋ ଜ୍ଞାତ ସାରରେ ସତ୍ୟ ଅଟେ । ଏହା ଅସତ୍ୟ ବୋଲି ଜଣା ପଡିଲେ ଆଇନ ଅନୁସାରେ ମୁଁ ନିଲାମ ପ୍ରକ୍ରିୟାରୁ କ୍ଷାନ୍ତ ହେବି।

ସ୍ୱାକ୍ଷର

ବି.ଦ୍ର.- ଫୋଟ, ଆଧାର କାର୍ଡ , PAN, GST ପଞ୍ଜୀକରଣ କାଗଜାଦର ନକଲ ଫର୍ମ ସହିତ ସଂଲଗ୍ନ କାରିବାକୁ ଅନୁରୋଧ ।